ଅରୁଲମିଘୁ ଲକ୍ଷ୍ମୀନରସିଂହସ୍ୱାମୀ ମନ୍ଦିର

ସିଙ୍ଗିରିଗୁଡି

ବନାମ

ଭାରତ ସଂଘ ଏବଂ ଅନ୍ୟମାନେ

ସେପ୍ଟେମ୍ବର 2,1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭୂମି ଅଧିଗ୍ରହଣ ଅଧିନିୟମ, 1894:*

*ଧାରାଗୁଡ଼ିକ 30,31–କ୍ଷତିପୂରଣ–କ୍ଷତିପୂରଣ ପାଇବାକୁ ହକଦାର ବ୍ୟକ୍ତିଙ୍କ ବିଷୟରେ ବିବାଦ–ଭୂମି ଅଧିଗ୍ରହଣ ଅଧିକାରୀ ନ୍ୟାୟାଳୟଙ୍କୁ ବିଚାରାର୍ଥେ ପ୍ରେରଣ କରିବେ ଏବଂ ବିଚାରାର୍ଥେ ପ୍ରେରଣ ନ୍ୟାୟାଳୟରେ କ୍ଷତିପୂରଣ ପରିମାଣ ଜମା କରିବେ–ଏହି ମାମଲାରେ ପୂର୍ବରୁ ଜମା ହୋଇସାରିଛି–ଭୂମି ଅଧିଗ୍ରହଣ ଅଧିକାରୀଙ୍କୁ ନ୍ୟାୟାଳୟଙ୍କୁ ଏକ ବିଚାରାର୍ଥେ ପ୍ରେରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 12001/1996 ।

ଡବ୍ଲ୍ୟୁ.ଏ. ସଂଖ୍ୟା 1358/1995 ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ତା 30.1.96 ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ଭି. ପ୍ରଭାକର, ଜି. ସାଇ କୁମାର ଏବଂ ଏସ୍. ରାଜପ୍ପା ।

ଉତ୍ତରଦାତାମାନଙ୍କ ପାଇଁ କେ. ସ୍ୱାମୀ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ  ପ୍ରଦାନ କରାଯାଇଥିଲା :

ଅନୁମତି ମଞ୍ଜୁର କରାଗଲା ।

ସ୍ୱୀକୃତ ତଥ୍ୟ ଉପରେ, ରିଟ୍ ଆବେଦନରେ ଉଭୟ ବିଜ୍ଞ ଏକକ ନ୍ୟାୟମୂର୍ତ୍ତି ଏବଂ ଖଣ୍ଡପୀଠଙ୍କ ଆଭିମୁଖ୍ୟ ଏବଂ ଜାନୁଆରୀ 30,1996ରେ ଦିଆଯାଇଥିବା ଆକ୍ଷେପିତ ଆଦେଶରେ ସୂଚିତ ଡବ୍ଲ୍ୟୁ.ଏ. ସଂଖ୍ୟା 1358/95 କୁ ବଜାୟ ରଖାଯାଇପାରିବ ନାହିଁ । ଭୂମି ଅଧିଗ୍ରହଣ

ଅଧିନିୟମ, 1894 ର ଧାରା 4 (1) ଅନ୍ତର୍ଗତ ଅଧିସୂଚନା ଜୁନ୍ 4,1987 ରେ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ପ୍ରଶ୍ନରେ ଥିବା ଭୂମି ଅଧିଗ୍ରହଣ ନେଇ ପ୍ରକାଶିତ ହୋଇଥିଲା । ଅଧିନିୟମର ଧାରା 9 ଏବଂ 10 ଅନ୍ତର୍ଗତ ବିଜ୍ଞପ୍ତିର ଅନୁପାଳନ ଏବଂ ଅଧିନିର୍ଣ୍ଣୟର ଯାଞ୍ଚ ପରେ, ଭୂମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା ଫେବୃଆରୀ 7, 1990 ରେ ପାରିତ ହୋଇଥିଲା । ଏହା ପରେ, ଅକ୍ଟୋବର 30, 1990 ରେ ଦଖଲକୁ ନିଆଯାଇଥିଲା । ତେଣୁ, ପ୍ରଶ୍ନଟି, ହେବ :ଏହି ଅଧିନିୟମ ଅନ୍ତର୍ଗତ ଅଧିଗ୍ରହଣ କରାଯାଇଥିବା ଭୂମିର ସ୍ୱତ୍ୱ ନେଇ ବିବାଦ ହେଲେ, ଗ୍ରହଣ କରାଯିବାକୁ ଥିବା ସଠିକ ପ୍ରକ୍ରିୟା କ'ଣ ହେବ? ବିଜ୍ଞ ଏକକ ନ୍ୟାୟମୂର୍ତ୍ତି ରିଟ୍ ଆବେଦନରେ ଆବେଦନକାରୀଙ୍କ ସ୍ୱତ୍ୱକୁ ଘୋଷଣା କରିଥିଲେ ଏବଂ ଖଣ୍ଡପୀଠ ଦେୱାନୀ ନ୍ୟାୟାଳୟଙ୍କୁ ସ୍ୱତ୍ୱର ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଉଭୟ ମତ ଆଇନ ଦୃଷ୍ଟିରୁ ସ୍ପଷ୍ଟ ଭାବରେ ତ୍ରୁଟିପୂର୍ଣ୍ଣ ଅଟେ । ଭୂମି ଅଧିଗ୍ରହଣ ଅଧିକାରୀଙ୍କୁ ଭୂମିର ପରିସର, କ୍ଷତିପୂରଣ ପାଇବାକୁ ହକଦାର ବ୍ୟକ୍ତି ଏବଂ ଅଧିନିୟମର ଧାରା 23 (1) ଅନ୍ତର୍ଗତ ନିର୍ଦ୍ଧାରିତ ହେବାକୁ ଥିବା କ୍ଷତିପୂରଣ ନିର୍ଦ୍ଧାରଣ କରିବାକୁ ପଡ଼ିବ । ଯଦି ସେ ଜାଣିବାକୁ ପାଆନ୍ତି ଯେ, କ୍ଷତିପୂରଣ ପାଇବାକୁ ହକଦାର ବ୍ୟକ୍ତିଙ୍କ ବିଷୟରେ କୌଣସି ବିବାଦ ଅଛି, ତେବେ ଆବଶ୍ୟକୀୟ ଭାବରେ ତାଙ୍କୁ ଅଧିନିୟମର ଧାରା 31 ଅନ୍ତର୍ଗତ ପରିମାଣ ସେହି ନ୍ୟାୟାଳୟରେ ଜମା କରିବାକୁ ପଡ଼ିବ, ଯେଉଁଠାରେ ବିଚାରାର୍ଥେ ପ୍ରେରଣ କରାଯିବ । ଏପରି ବିବାଦ ଉପୁଜିବା ପରେ, କ୍ଷତିପୂରଣ ପାଇଁ ପ୍ରତିଦ୍ୱନ୍ଦ୍ୱୀ ସ୍ୱତ୍ୱ ସ୍ଥାପନ କରିଥିବା ପ୍ରତିଯୋଗୀ ବ୍ୟକ୍ତିମାନଙ୍କ ମଧ୍ୟରେ ବିବାଦର ନିଷ୍ପତ୍ତି ନେବା ପାଇଁ ତାଙ୍କୁ ଅଧିନିୟମର ଧାରା 30 ଅନ୍ତର୍ଗତ ନ୍ୟାୟାଳୟଙ୍କୁ ଏକ ବିଚାରାର୍ଥେ ପ୍ରେରଣ ପ୍ରସ୍ତୁତ କରିବାକୁ ପଡ଼ିବ । ସେହି ପରିସ୍ଥିତିଗୁଡ଼ିକ ଅନୁସାରେ, ଏକମାତ୍ର ଆଇନଗତ ମାର୍ଗ ଉନ୍ମୁକ୍ତ ଅଛି ଯେ, ଅପିଲକାରୀ କିମ୍ବା 4ର୍ଥ ଉତ୍ତରଦାତାଙ୍କ ଦ୍ୱାରା ଯଥାସ୍ଥିତି କ୍ଷତିପୂରଣ ପାଇବା ପାଇଁ *ପରସ୍ପର ମଧ୍ୟରେ* ସ୍ୱତ୍ୱର ନିଷ୍ପତ୍ତି ନେବା ପାଇଁ ଧାରା 30 ଅନ୍ତର୍ଗତ ଏକ ବିଚାରାର୍ଥେ ପ୍ରେରଣ ପ୍ରସ୍ତୁତ କରିବା ପାଇଁ ଭୂମି ଅଧିଗ୍ରହଣ ଅଧିକାରୀଙ୍କୁ ଏକ ନିର୍ଦ୍ଦେଶ ଜାରି କରାଯିବା ଉଚିତ, ଏବଂ ବିଚାରାର୍ଥେ ପ୍ରେରଣ ନ୍ୟାୟାଳୟ ଆଇନ ଅନୁଯାୟୀ ମାମଲାର ନିଷ୍ପତ୍ତି ନେବେ ।

ତଦନୁସାରେ ଅପିଲକୁ ଅନୁମତି ଦିଆଯାଇଛି । ବିଜ୍ଞ ଏକକ ନ୍ୟାୟମୂର୍ତ୍ତି ଏବଂ ଖଣ୍ଡପୀଠଙ୍କ ଦ୍ୱାରା ପାରିତ ଆଦେଶକୁ ରଦ୍ଦ କରାଯାଇଛି । ଭୂମି ଅଧିଗ୍ରହଣ ଅଧିକାରୀଙ୍କୁ ଧାରା 30 ଅନ୍ତର୍ଗତ ନ୍ୟାୟାଳୟଙ୍କୁ ଏକ ବିଚାରାର୍ଥେ ପ୍ରେରଣ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।ଆମକୁ ଅବଗତ କରାଯାଇଛି ଯେ, କ୍ଷତିପୂରଣ ପୂର୍ବରୁ ସୁଧ ଅର୍ଜନକାରୀ ପ୍ରତିଭୂତିରେ ଜମା ହୋଇସାରିଛି । ତେଣୁ, ଯଦି ପକ୍ଷମାନେ ଏହା ଆବଶ୍ୟକ କରନ୍ତି, ତେବେ ଏହି ତରଫରୁ ବିଚାରାର୍ଥେ ପ୍ରେରଣ

ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇପାରିବେ କିମ୍ବା ଆଇନ ଅନୁଯାୟୀ ବିଚାରାର୍ଥେ ପ୍ରେରଣ ନିଷ୍ପତ୍ତି ହେବା ପର୍ଯ୍ୟନ୍ତ ବିଜ୍ଞ ଏକକ ନ୍ୟାୟମୂର୍ତ୍ତିଙ୍କ ଆଦେଶ ବଳବତ୍ତର ରହିପାରିବ । ପରବର୍ତ୍ତୀଟି ଉପଯୁକ୍ତ ମାର୍ଗ ହେବ । ବିନା ଖର୍ଚ୍ଚରେ ।

ଜି.ଏନ୍. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :- ସୁଧା ସୁରମ୍ୟା ସାହୁ**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**